

# ହଲଧର ନାଗକର
# ଛାଁଟଲା କବିତା

ସଂପାଦନା

ସାକେତ ସ୍ରିଭୁସଣ ସାହୁ

# ହଲଧର ନାଗଙ୍କର

# ଛାଁଟଲା କବିତା


ସଂପାଦନା

ସାକେତ ସ୍ରିଭୁସଣ ସାହୁ



ବେନି ପବ୍ଲିକେସନ୍ସ

# HALDHAR NAG KAR CHANTALA KABITA

( A Collection of Kosli poem )

Edited by Saket Sreebhushan Sahu
Cover: Saket Sreebhushan Sahu
Published by Beni Publications
Second Edition:  2016

©Author

All rights reserved. No part of this publication may be reproduced, stored in a retrieval system, or transmitted, in any form or by any means, without the prior permission in writing of the author/publisher or as expressly permitted by law, or under terms agreed with the appropriate reprographics right organisation.

## ହଲଧର ନାଗକର ଛାଁଟଲା କବିତା

(କୋସଲି କବିତା ସଂକଲନ)

ସଂପାଦନା -ସାକେତ ସ୍ରିଭୁସଣ ସାହୁ
ମଲାଟ - ସାକେତ ସ୍ରିଭୁସଣ ସାହୁ
ପ୍ରକାସକ:   ବେନି ପବ୍ଲିକେସନ୍ସ
ଦୁସରା ସଂସ୍କରଣ ୨୦୧୬

©ଲେଖକ

# ପରିଚୟ

## ହଲଧର ନାଗକର ଜିବନି ଆର ବିଚାର

ମୁଲ ଗାଁ ବଇଦପାଲି (ବେଗସିଲେଟ) ନ ହଏଜା ଲାଗଲା ବଲି ଭଜ ଆର ଗୁରବାରି ପହେଲା ଦୁହି ପୁଓ ଦେବାନନ୍ଦ, ସଦାନନ୍ଦ କେ ଧରି କରି ଘେଁସ ପଲେଇ ଏଲେ । ସେନ ତାକର ନନା ଘରେ ପୁସ ପୁତର ହେଇ ରହେଲେ । ତେହରୁ ଘେଁସ ନ ସକୁନ୍ତଲା, ସ୍ରିମଦ, ଲାଦୁରାମ ଆର ହଲଧର ଜନମ ହେଲେ । ହଲଧର କେ ଦସ ବଛର ହଉଥିଲା ବେଲକେ ତାକର ମାଁ ବାପ ସରଗବାସି ହେଇଗଲେ ଆର ତିନ କିଲାସ ନ ପାଠ ପଢା ବନ୍ଦ ହେଲା । ଦଦାମାନେ ବିହା ବରପନ ହେଇକରି ଭିନେ ଭିନେ ହେଇ ରହେଲେ । ହଲଧର ଦୁଇମୁଠା ଖେବାର ଲାଗି ମଂଗଲ ହୋଟେଲ ନ କପ ପ୍ଲେଟ ଧୁଇଲେ ।

ହଲଧର ର ଗୁଲଗୁଲା ଦେଖିକରି ସେତେବେଲ ର ସରପଁଚ ବ୍ରଜମୋହନ ସାହୁ ହାଇସ୍କୁଲ ହସ୍ଟେଲ ନ ରଖିଦେଲେ । ସେନ ବରତନ ମାଜବାର ସାଂଗେ ରଂଧନିଆ କେ ସାହେଜ କଲେ । ତେହରୁ ରଂଧନିଆ ହେଇକରି ସୁଲହ ବଛର ତକ ସେନ ରହେଲେ । ରେତ ରେତ ଉଜାଗର ହେଇକରି ନାଟ, ଡଣ, ସଂପର୍ଦା ଦେଖୁଥିଲେ ଆର ସଖାଲ ପେଲେ ଫେର ପିଲାକର ଲାଗି ରାଂଧୁଥିଲେ । ସମିଆଁ ପେଲେ ନିଜେ ଡଣ ଗିତ, ସଂପର୍ଦା ଗିତ, କୁଁସ୍ନଗୁରୁ, ଭଜନ, ରସରକେଲି, ଡାଲଖେଇ, ମେଲାଜଡ ଗିତ ବାଂଧୁଥିଲେ । ସେ ଜେନ ଡଣ ଲେଖିଥିଲେ ସେଟା ତେର ଖଣ ଗାଁ ନ ସିଖୁଥିଲେ ଆର ନାଚୁତିଲେ । ଦରକାର ପଡଲେ ନିଜେ ବାହାରୁଥିଲେ ବି ।

ସୁଲହ ବଛର ସେବା କଲା ପରେ ହସ୍ଟେଲ କାମ ଛାଡିଦେଲେ । ପିଲାମାନେ ଚାଂଦା କଲେ ଆର ତାହାକୁ ଗୁଡାଦୁ ଟଁକା ଦେଲେ ଜେନଥି କି ହଲଧର ଇସକୁଲ ର କାଁଥି ଲାଗନୁ ଗୁଟେ ଗୁଡା ବନାଲେ । ସେନ ଚନା, ମୁଗଫଲି, ଚକଲେଟ ବିକଲେ ।

ଇ ଭିତରେ ୮୯/୯୦ ଆଡକେ ଘେଁସ ନ ଅଭିମନ୍ୟୁ ସାହିତ୍ୟ ସଂସଦ ଗଠନ ହେଲା । ଅଭିମନ୍ୟୁ ସାହିତ୍ୟ ସଂସଦ ଫି ମାସ  ସାହିତ୍ୟ ଆଲୋଚନା ଆର କବିତା ପାଠୋଛବ ବାଗିର କାର୍ଜ୍ୟକ୍ରମମାନେ କରି ବସଲା । କବିତା ପାଠୋଛବ ଥି ହଲଧର ବି ଭାଗନେଇ ବସଲେ ଆର ଗିତ ନୁ କବିତା ଆଡ କେ ମୁହଁଟାଲେ । ଫେର ତାକର କଲମ ନୁ ବାହାରିଲା 'ଢଡୋ ବରଗଛ', 'କୁଇଲି' ବାଗିର ମାଇଲଖୁଟା ମାନେ । ପହେଲାକରି ହଲଧରକର କବିତା କେ 'ଆର୍ଟ ଏଣ୍ଡ ଆର୍ଟିସ୍ଟ' ବଲିକରି ସମଲପୁରୁ ବାହାରୁଥିବା ର ଗୁଟେ ପତ୍ରିକା ଛାପଲା । ପହେଲା କବିତା ଥିଲା 'ଢଢୋ ବରଗଛ' । ଫେର କୁଇଲି ଆଦି ୪ଟା କବିତା ବଛରେ ଭିତରେ ବାହାର କଲା 'ଆର୍ଟ ଏଣ୍ଡ ଆର୍ଟିସ୍ଟ' ଆର ତାର ବଛରକିଆ ଉଛବ ଥି ସମ୍ମାନିତ କଲା ହଲଧର କେ । ଆର ଫେର ହଲଦର ଲେହେଁଟି ନି ଦେଖି, ଗୁଟେ ପରେ ଗୁଟେ କବିତା ଆର କାବ୍ୟ ଲେଖି ବସଲେ ଆର ସମ୍ମାନମାନେ ତାକର ତାକର ପଛେ ପଛେ ଧେଁଲା । ତାକର କାବ୍ୟ ସବୁକେ ଠାନେକେ ଗ୍ରଂଥାବଲି ହିସାବେ ଛପା ହେଲା । ତାକର ନାଁରେ ହଲଧର ବନ ବିଦ୍ୟାଲୟ ଥାପନା କରାହେଲା ।

ହଲଧର ସୋର କରସନ, କଟକ ର ପ୍ରୟୋଗ ଅନୁସ୍ଥାନ ଲୋକକବି ଉପାଧି ଦେବାର ଲାଗି ଡାଖିଥେ । ହଲଧର ସଭାଠାନ କେ ପହଁଚିଲେ । ବାକି କୁନୁଆଁମାନେ ବି ପହଁଚିଥିଲେ ନ ଆର ସେ ଦିନର ମୁଖିଆ କୁନୁଆଁ ମନୋରମା ମହାପାତ୍ର (ସମାଜ ଖବର କାଗଜ) ବି ପହଁଚିଗଲେ । ପହଁଚୁନ ସେର କି ମନୋରମା ଉଜୁକକର୍ତାମାନକୁ ବଏଲେ, ଦେଖ ମୁଇଁ ଅଧା ଘନ୍ଟାନୁ ଅଏଧକା ରହି ନି ପାରେଁ, ଜଲଦି ସଭା ସାରିଦିଅ ମୁଇଁ ଜିମି ।

ଫେର ହଲଧର ର କବିତା ଆବୃତି ସାଂଗେ ସଭା ମୁଲ ହେଇଗଲା । ଗୁଟେ ଗଲା, ଦୁଇଟା ଗଲା, ତେରଟା କବିତା ସରିଗଲା ମନୋରମା ଉସକିବାର ନାଁ ନି । ଲଟକି ଜେଇଥିଲା ନ ହଲଧର କବିତା ର ରସେ । ଫେର ଏଲା 'ରସିଆ କବି' । ଆର ତ ମନୋରମା ଠରି ନି ପାରଲେ । ଚଉକି ନୁ ଉଠିକରି ପୁଟଲେଇ ପକାଲେ ହଲଧର କେ । ଆର ଆଖିଁ ତାକର ଥିପି ପଡୁଥିଲା ପେନ  । ହଲଧରକର କବିତା ଥି ସେ ଜାଦୁ ଅଛେ, ସେ ମହନି ଅଛେ । ସୁନବାର ଲୋକ ବାଂଧି ହେଇଜେସି ।

ଖାଲି ଉଡିସା ଭିତରେ ନୁହେଁ ସେ, ସେ ଉଡିସା ବାହାରେ ବି କେତନି ଜାଗା ନିଜର କବିତା ର ଜାଦୁ ଚଲେଇଛନ ବଂଗାଲ ର ସାନ୍ତି ନିକେତନ, ଝାରଖଣ-ଛତିସଗଡ-ଉଡସା ବୋଡର ହମିଲପୁର ଟକରିଆ ବାଗିର ଜାଗାମାନକୁ ବି ଫି ବଛର କବିତା ପଢି ଦେଜେସନ । ଛତିସଗଡ-ବସନା ନ ତାକର ଏତେ ପ୍ରସଂସକ ଅଛନ ଜେ ସେନ 'ହଲଧର ନାଇଟ' ଉଜୁକ କରାହେସି ।

ହଲଧର କେ ଜେନମାନେ ଅତି ପାଖୁ ଜାନସନ ସେମାନକର ଭିତରୁ ଡ.ସୁବାସ ମେହେର କହେସନ, "ହଲଧର ର କେତେଟା ଭଲ ଗୁନ ହଉଛେ, ସେ ଉଡିଆ କି ଇଂରାଜି ସାହିତ୍ୟ ନୁ ପ୍ରଭାବିତ ନେଇସେ । ସେଥିର ଲାଗି ତାକର ସାହିତ୍ୟେ ଥି ଏକଦମ କଁଚା କୋସଲି ସବ୍ଦମାନେ ବାହାରସି । ସେଥି ମେସରି ନେଇଁ ମିଲେ । ଆର ସେ ସବ୍ଦମାନକର ବେଭାର ସଠିକ ହିସାବେ କରସନ । ହଲଧର ଜେନଟା ଥରେ ସୁନଲେ ସୋର କରି ପାରସନ ଆର ଆଘୋନୁ ଡଣ ନାଚବାର ଅଭିଗ୍ୟଁତା ତାହାକୁ ଗୁଟେ ଭଲ ବକ୍ତା ବନେଇ ଦେଇଛେ । ସେ ନିଜର କବିତାମାନକୁ ନିଜେ ଜେତେବେଲେ ଆବୃତି କରସନ  ସେତେବେଲେ ସେ କବିତା ଜିଁ ଉଠସି ।"

ବେନି ପତ୍ରିକା ଥି ସଂପାଦକ ସାକେତ ସ୍ରିଭୁସଣ ସାହୁ ଲେଖିଥିଲେ, "ହଲଧର ସମସାମଇକ କୋସଲି ସାହିତ୍ୟ ଥି ଏକମୁଖିଆ ସାସକ ଆନ ବଲମି ବେଲେ ବୋଧେ କିଛି ଭୁଲ ନି ହୁଏ । ନବେ ଦସକ ର ମୁଲ ଆଡକେ ତାକର ଇ ସାହିତ୍ୟ ନେ ଆବିର୍ଭାବ ହେଲେ ବି ଗଲା ଡେଢ ଦସକ ହେଲା ସେ ରାଜ କରୁଛନ ।"

ଛୋଟ ବଡ କରି, ଓଡିସା ସାହିତ୍ୟ ଏକାଡେମି ଆର ପଦ୍ମସ୍ରି କେ ମିସେଇ , ୩୦୦ ଉପରେ ଅନୁସ୍ଥାନ ନୁ ସେ ସମ୍ମାନିତ ହେଇସାରଲେ ନ । ଏଜ ହଲଧର ନାଗ କେନସି ପରିଚୟ ର ମୋହତାଜ ଥି ନେଇଁନ ଉଲଟ୍ୟା ସେ କୋସଲି ଭାସାକେ ଗୁଟେ ପେହଚାନ ଦେଇଛନ । କୋସଲି ଭାସା ବହୁତ ଦିନୁ ଲେଖା ହଉଥିଲା ହେଲେ ସେଟାକେ ଲୋକ ର ନିକେ ଏକଲା ଝନେ ଜେନ କିସମେ ପହଁଚେଇ କରି ଲୋକର ଭିତରେ ଇ ଭାସା ପ୍ରତି ଆଗ୍ରହଟେ ଜାତ କରେଇଛନ ।

ସରଲଗ ଗୁଟେ କଁଟେ ମାସ ଭଏର ସଖାଲର ଦସ ବଜେ ନୁ ରାତିର ୩/୪ ବଜେ ତକ ଦିନକ ୩–୪ଟା ସଭାଥି ଜୋଗଦେଇ ସେନ କବିତା ଆବୃତି ସାଂଗେ ସାଂଗେ କୋସଲି ଭାସା ର ପ୍ରଚାର କରୁଥିବାର ଇ ଲୋକଟା ଧୁତି ଖଁଡେ, ଲମ୍ବ ହଜରିଟେ କି ସିତ ମାସେ ସାଲଟେ ବେସ ହେତକି ତାକର ସାଜୋ; ଗୁଡେ ଚପଲ ବି ନେଇଁ । ନିହାତି ସରଲ, ନିସ୍ପାପ ଲୋକଟେ । ହଲଧର ବିରଲ ! ଅସାମାନ୍ୟ, ଅସାଧାରଣ, ଦୁର୍ଲଭ, ସଦ୍ଧର ସିଲ୍ପି, ଜୁଗ ସ୍ରସ୍ଟା କବି ।




(ସାକେତ ସ୍ରିଭୁସଣ ସାହୁ)

saket.sahu@gmail.com

Mon: 9937822442

# ପାଁଚ ଅମରୁତ

ଅମରୁତ ଝରୁ
ସାତ ସମୁଦ୍ରରୁଁ
ସରଗର ଜହ୍ନୁ
ମାଆଁର ଥନୁ
ମହତ ନିତିର ଧାରୁଁ
କବିର କଲମ ଗାରୁ ॥

# ସଏଲତା ଉକିଆ

ବଏଠା ଜଲଲେ ଉକିଆ ଜେନ୍ତା
ଘାବଘୁବ ଢବାଘରେଁ
ଜନକ ଉକିଆ ଦେଖଲେ ଜେନ୍ତା
ଅଂଧାର ପଲାସି ଡରହେଁ ॥

ଅଗ୍ୟାନ ଅଂଧାର ଭିତରେଁ ଜେନ୍ତା
ଠେଁଟ ରତନାକର
ଗ୍ୟାନର ଉକିଆ ଦେଖି ହେଇଗଲେ
ବାଲମିକି ମୁନିବର ॥

ଅଂଧାର ବଅଁସେ ଲାଏଗ ପୁଓ
ବଏଠା ଦେସି ଜାଲି
ସଏଲତା ଜଲି ଉକିଆ ଦିସୁ
ପଚିମ ଉଡସାର ବୁଲି ॥

# କୁଇଲି

ଲୁକି ଲୁକି ଗିତ ଗାଉଲୋ କୁଇଲି
ଆମ ବୁରେଇ ଉଢାଲେଁ
ଥିପି ପଡୁଥିସି ମହୁଝରା ରସ
ପେଟ ପୁରେ ସୁନିଦେଲେ ॥

ଚରେଇ ମଏଧେଁ ରାନି ବଲାସୁ ଲୋ
କଅଟ ବିଲେଇ ଘଁଟି
ବୁଲି ଟାକ ତୋର ଖଁଡ ମଧୁର
ମନ ନଉଥିସି ବେଟି ॥

କୁଆର ଗୁଡାଥିଁ ପାରିଦେଇ ଗରା
କରୁ ଛୋଓ ଗଦବଦ
ବୁଲୁ ନିଝା ଝାରେଁ ଡିଁଡା ଠେଂଗ ଲେଖେଁ
ନାଇଁ ଛୁଆପୁତା ସଧ ॥

ସୁନିଛେଁ ମାଲିକା ଜେତେବେଳେଁ କୃସ୍ନ
ଗଲା ଧନୁଜାତ୍ରା ଦେଖି
ତାର ମା ଜସୋଦା ହେତେଇ କେସବ
କାଂଦେ ଦେଇ ତତେ ସାଖି ॥

ଲୋକ ମୁହେଁ ସୁନେ ବଛରକ ଥରେ
ବାହାଡା ରଥର ଦିନେ
ଭୁଆସେନ କାଂଦି ସାସ ଘର ଖଟି
ଜାଉ ଦସମି ଲଗନେ ॥

ଟେଂଗଟା ଭରିଆ ବନା ଲୁଗା ଭାର
ବାଂନ୍ଧୁ ଫୁଲ ଭୁଗା ବୁହେ
ରୁନି ଚଟିଆ ତ ଦୁଇ ଭୁଆସେନ
ଟିଠେଇ ହୁଲହୁଲି ଦିଏ ॥

ଠୁକ ବଢେଇ ଢୋଲ ମୁହୁରି ସରଗନା
ପଁଡକା ହେଇଛେ ଭାଟ
ବଜା ଗଜା ନେଇ ଜଲଂଗିଆ ହେଇ
ମଏନା କଢାଏ ବାଟ ॥

ଦେଖା ନାଇଁ ଦଉ ରାଗିନି ସୁନାଉ
ଗୁନମତି ଲାଜକୁରି
ଦେଖା ନାଇଁ ଦିଅନ ସିଆନ ସୁଜନ
ଗୁନଟା ଜାଏ ବିଗିରି ॥

# ଘେଁସାଲି

ସୁନଲୋ ଘେଁସାଲି ସୁନ ତ ଟିକେ
ଏଡେ ତତାପନା ଜାଉ କେନକେ
ଗରଜି ଘୁମରି କାଏଁଜେ ରିସେଁ
ନରଦି ଜଉଛୁ କାଲକା ଭେସେଁ ॥

ସୁଇଥିଲୁ ସୁଖେ ମାଆଁର କୁଲେଁ
ବାଏସି ଖାଲସା ଡଂଗର ତଲେଁ
ଚମକି ଧଉଁଛୁ ଏକ ସୁରିଏନ
ଡେଗି ଖାଲ ଢିପ କନ ମୁରିଏନ ॥

ମାଆଁ ଘରର ସୁଖ ସରଧା ଛାଡି
କେନକେ ଢୁକବୁ ପଏସାମୁଡି
ଅଂଗ ଇବ ତେଲ ଜିରା କୁଇଲି
ସାଂଗ ବଉଲକେ ଭେଟବୁ ବଲି ॥

ମନ ଛନ ଛନ ଉତେଲ ହେଇ
ଧାଂଗରି ଜେନ୍ତା କୁଲ ବୁଡେଇ
ହେତୁ କର ଆଗ ପଛର କଥା
ବଢଲେଁ ଛିଡବୁ ଠିକ ଜାନିଥା ॥

ଘେଁସାଲି ଲୋ ପଦେ କହୁଛେଁ ଧରି
ତୋର ଗୁନେ ମୋର ଗୁନଟେ ସରି

**ଖାଲ ଢିପ ଡେଗି ଜେନ୍ତା ତୁଇ**
**ସୁଖ ଦୁଖ ଡେଗି ହେନ୍ତା ମୁଇଁ ॥**

**ତୁଇତ ଜଉଛୁ ସମୁଦରକେ**
**ମୁଇଁ ବି ଜଉଛେଁ ଜମଘରକେ ॥**

# ଅତି

ଅତି ନୁନିଆଁ ଟା ଲାଗସି ପିତା
ଅତି ଗୁନିଆଁକେ ଖାଏ ଦେବତା
ଅତ ଧନତିଆ ବିପଦ ଘୋର
ଅତି ଭକତିଆ ପରଗୁନ ଚୋର ॥

ଅତି ସୁଂଦରିଆ ଅସଗୁନିଆଁ
ଅତି ବାଏଜକରା ହିନ ମନିଆଁ
ଅତି କହ କଟା ଲଂଦଫଂଦିଆ
ଅତି ସୁତରଟା ପଟ ଗେଜୁଆ ॥

ଅତି ଦେତାଦାନି ମଗତିରିଆ
ଅତି ବରସା ଟା ମରଡି ଧୁଆ
ଅତି ହୁସିଆର ଦେଖ ଜେ କୁଆ
ସଖାଲ ଧରମୁ ନରକ ଖିଆ ॥

ଅତି ମଧୁରକେ ଖାଏସି କିରା
ଅତି ବିସ୍ୱାସଟା ବିସ ମହରା ॥

# ଅଗନି

ଜଗତ ଭିତରେ ଜିବର ଗଠନ
ଆକାସ ମାଏଟ ପାଏନ ପବନ
ଅଗନି ଠୁଳଉଛେ
ପଁଚରସିଦିହେଁ ଧରି ଜନମୁଛେ
ଜିବ ସେ ବୁଲଉଛେ ॥

ଆଏଲା କାହିଁସେ ଜାଉଛେ କାହିଁ
କିଏ ଆଏ ତାକେ ମାହିର ନାଇଁ
ଭରମେ ଭମକୁଛେ
ଅସରତି ତାର କାମନା ବାସନା
ଦେଖଲେ ଚମକୁଛେ ॥

ଜଳୁଛେ ହଜାର ହଜାର ବତି
କାଁଚି ସଏଳତା ସିନେ ଗନତି
ଅଗନି ତ ଆଏ ଏକ
ପରମ ଆତମା ଅଗନି ଜଳୁଛେ
ସବୁ ଘଁଟେ ଥାଇ ଦେଖ ॥

# ଆମର ଗାଁଆର ମସାନ ପଦା

ଆମର ଗାଁଆର ମସାନ ପଦା
ବେଲବୁଡାକେ କୁଲିହା ଭୁକେ
ହୁଁଡାର ହୁଦା ହୁଦା
ଆମର ଗାଁଆର ମସାନ ପଦା ।।

ଆଖି ପାଖି ଘର ଆମବୁରେଇ
ପୋଲବାଂଦୁ ଆର ଜିଇଁ ଚରେଇ
ଗଗଉଥିସନ ଗହକି କରି
ଇ ଗଛ ସେ ଗଛ ବୁଲି କିଂଦିରି
ରୁଡକି ତରେ ଝାପଡୁ ବରେଁ
ମସାନ ମାଉଲିର ଗୁଧା
ଆମର ଗାଁଆର ମସାନ ପଦା ।।

ମାଉଲି ଖେଲସି ଡାହି ମାକରି
ହୁଲହୁଲି ଦେସି କିରଲି ପାରି
ସର ସର ମାରେ ଧୁଏଲ ସରଡା
ଖର ଖର ବାଜେ ତାଲ ବରଡା
ଦୁଲି ଝୁଲସି ଜୁଏ ଜଲସି
ଜେନତା ହୁଏଲ ଗଦା
ଆମର ଗାଁଆର ମସାନ ପଦା ।।

# ହଲଧର ନାଗକର ଛାଁଟଲା କବିତା

ଉଁଆସ ରାତି ଟେଁଡହେଇ ଚରେ
ଠୁଁଡିର ଉପରେ ବଏଠା ଧରେ
ସରବ ନଂଗଲି ଝିତରି ମୁଡି
ଚରୁଥିସି ବିର ବାହାନେ ଚଢି
ଦାବଖର ଟୁଁଡେ ଉପର ଗୁଡେଁ
କରସି ନରଦା କୁଦା
ଆମର ଗାଁଆର ମସାନ ପଦା ।।

କୁଁଥସି ପେଟେନ କଁଚା ପିଲାଟି
ଅଁହେ ଅଁହେ କରେ ଛୁଆ ସେକାଥିଁ
କାଁଡେ ଲେଖା ନଖ ବାହାର କରି
ଲୁକକୁ ଦେଖାଲେଁ ଧାଏଁ ଆଁପରି
ଠେଁଗୁଆ ମସାନ ବାହାର ହେସି
ତାର ବଡଖା ଦଦା
ଆମର ଗାଁଆର ମସାନ ପଦା ।।

ନସେନ ପାଂଗେନ ଦେବତା ଧରା
ଗୁନିଆଁ କରସି ଫୁକାଝରା
ଖୁନ କପଟ ପେସେନ ବାନ
ଅଏଁଛା ବଟାସି ମସାନ ଠାନ
କାଲି କୁକରା ପଟକେଁ ହେସନ
ଦେବତା ପେଟେନ ସିଧା
ଆମର ଗାଁଆର ମସାନ ପଦା ।।

ମସାନ ପଦାକେ ଦେଖଲେ ଡର
ମସାନ ପଦାଟା ଅସଲ ଘର
ମସାନ ପଦାକେ ଗଲେନ ଜେତେ
ଆର ଭି ଜିମାନ କେତିନି କେତେ
ସଭେ ଜାକର ଗୁଁଡ ପୁଡାନୁ
ଠାନେକେ ହେମା ଗଦା
ଆମର ଗାଁଆର ମସାନ ପଦା ।।

# ଢଡୋ ବରଗଛ

ପିଢି ପିଢି କରି କେତେ ପିଢି ଗଲା
ମୁଡ ଟେକି ଅଛେ ଠିଆ
ଗାଁଆ ମୁଡସାର ଢଡୋ ବରଗଛ
ଧରସାର ଡେବରିଆ ।।

ଝୁପୁଡୁ ଝାପଡୁ ଢାପ ଗୁଡୁ ଗୁଡୁ
ଖଲାର ଏତେ ଉସାର
ଡାହି ପଖରାର ତଲକେ ପାହାର
ଡୋର ଦଅଁରା ମେତାର ।।

ଅଜା ପନଅଜା ଟିପନ ଅଜାଜେ
ଚିନହାର  ଜନାର ଜନେ
ଚଢୁଥିଲେ ଗଛେଁ ଝୁଲୁଥିଲେ ଦୁଲି
ଗଜା ବଏସିଆ ଦିନେ ।।

ମଏନା ହରଲ ଚରେ ଦଲ ଦଲ
ପାଚିଗଲେଁ ବରଫଲ
ସକାଲୁ ସଂଜକେ ବସିଜାଏ ହାଟ
ଗବାଚବା କଲ କଲ ।।

ବଏସାଖ ମସିଆ ଦୁଇ ପହରିଆ
ବାଟ ଚଲା ଚଟଚଟେଁ
ଇ ଗଛତଲେଁ ଘାଏ ଥାକି ଫୁଟି
ଚାଲି ଜାଏସନ ବାଟେଁ ।।

ବରପିଲା ଆସେ କନିଆଁ ନେବାକେ
ଇଠାନୁ ତ ବଜା ମୁଲ
ଝି ଖଟିଗଲେଁ ଇ ବର ତଲେଁ
ବିହା ଟୁଟେ ବିଲକୁଲ ।।

ମରା ବୁହି ଆନି ଛନେ ଉଲହାସନ
ଲେପି ହଲଦି ଅଏଁଲା
ମାହେଜି ଟୁକେଲ ଘର ଲେହେଁଟିସନ
ଇନ ଛାଡି ଖଂଦା କୁଲା ।।

ରାଏତ ବିକଲେଁ ସମସନ ଚୋର
ଗାଆଁ ଖୁଏଲ ହେଲେଁ ଛିନା
ଇ ଗଛ ତଲେଁ ହେସି ଭାଗ ବଁଟା
ଟଁକା ସୁନା ଖୁରି ଗିନା ।।

ରସିଆ ଟାକସି ରସିଏନ କେ ତ
ମାଛି ଅଂଧରିଆ ବେଲେଁ
ଉଧଲିଆ ଜିବେ ସତ କରସନ
ଇ ବରଗଛ ତଲେଁ ।

ଦେଖୁଛେ ଜାନୁଛେ ସୁନୁଛେ ଗୁନୁଛେ
ନେଇଁ ଫୁଟେ ତାର କାପୁ
କିଛି କହେ ନାଇଁ କୁଂଦା ସାକ୍ଷି ହେଇ
ଟେକି ଅଛେ ବାହା ବଫୁ ।

# ଚଏତର ସକାଲ

ଭକଡ ଚାଏଁ ଭକଡ ଚାଏଁ
ବାଜି ଗଲାନ ଢେଁକି
କଁକରେ କଅଁ କଁକରେକଅଁ
କୁକରା ଦେଲା ଡାକି ।

କଟର କଏଁ କଟର କଏଁ
ପାଏନ ଟେଁଡଲା ଟିଂଗା
ଝଗଡ ଝାଲ ଝଗଡ ଝାଲ
ଭୁଲିଆ ଘରେ ମଂଗା ।

ଚଏତୁ ଭୁଏ ଚଏତୁ ଭୁଏ
ଚରେ ଗଗାଲା ଝାରେଁ
ତୁଆକେ ତୁଆ ହୁର ହୁରିଆ
ଚଏତି ଧୁକା ମାରେ ।

ଘଲର ଘଲ ଘଲର ଘଲ
ଝଲାଝୋଲ ବଜେଇ
ଘିଡଘିଡାନୁ ସଗଡ ଗଲା
ରୁଗଡି ମୁଡା ଦେଇ ।

ଘୁଟୁର ଘୁଟ ଘୁଟୁର ଘୁଟ
ଘୁରଡିଲେ ପରୁଆ
ଘରର ଘର ଗାଏ ଦୁହିଲା
ସୁରଘୁଟୁ ନରିହା ।

ବଗବଗାନୁ ଆଏଲା ଉଦି
ପହଁତିଆ ତରା
ସରଲୋ ସରଲୋ ମାଲତିର ମା
ଦୁଆରେ ଦେଲା ଛେରା ।

ଖେନ ଖେନଇ ଖଁଅ ଖଁ ଖାଁସି
କାହ୍ନୁ କେସବ ବଲି
ଝୁଲଝୁଲିଆ ପରଭାତି ଗାଏ
ତାଲ ତଲିଆ ତେଲି ।

ପହପହକେ ଘଏସାନ କେ
ଡାକଦେଲା ଖତକୁରି
ଭଡଂଗୋ ଭଡଂଗୋ ମହୁଲ ବେଟି
ଗଲେନ ଡଲା ଧରି ।

କୁହୁ କୁହୁ ଗାଇ କୁଇଲି ରାନି
ରିତୁ ରଜା ର ସିଆନି
ଖରିଖରି ଆମ ଡାଲ ଉଢାଲେଁ
ଖେଲେ ଲୁକ ଲୁକାନି ।

ତରତରାନୁ ଉଦଲା ବେଲ
ଲାଲ ମୁଡିଆ ହେଇ
ଭଦ ଭଦାନୁ ଉଡଲେ ହଁସ
ପଡଲେ ବଂଧେ ଜାଇ ।

ଚେର ମେଟେର ଚେର ମେଟେର
ଚଁଟିଆ ହୁଦା ଚାଲେଁ
କାଆ କା କରି କୁଆ ଗଗାଲେ
ଚଏତର ସକାଲେଁ ।

# କାମଧେନୁ

ଆହୁରି ଆହୁରି ଆହୁରି ହେତା
ଖୁସାର ଉପରେଁ ଚାଉଁରି ହେତା
ମନ ବାଏଁ ବାଏଁ ପବନ ବାଏଁ
ଅଠର ମହଲା ବନାତି କାଏଁ ।

ଖେଲ ଖେଲ ଥିତେ କୁଠିଆ ଗୁଡି
ଧନ ଛିଂଗିଲତା ପିଛାଲ କୁଡି
ସାହାକାର ବଲିଁ ବଲତେ ମତେ
ମୋର ବୁଲେଁ ବୁଲେଁ ସଭେ ଚଲତେ ।

ଖାଏଦ ଖାଏତି ମାଏନ ମାଏନସା
ବଡ ଲୁକେ ହେତିଁ ସାଂଗ ସରସା
ଦିହେଁଥି ପିଂଧତିଁ ଚାଂଗ୍ରେ ସୁନା
ପଛ ପାଖେ ଥିତା ଜଲିଆ ମୁନା ।

ଆଁଠେ ଡେଂଗ ସେଜ ମୁଚୁଲା ଖଂଜା
ହୁଁକରଉଥିତି କେନତା ମଂଜା
ଛଟିଆ ଛଟିଆ ଧାଂଗରି ଜେତେ
ମୋର ଠାନେ ଆସି ଜଁଚେଇ ହେତେ ।

ଜିଇଁ ଚରେ ବଲେ ଥୁରରେ ଥୁର
ଚଉକସ କରି ବାଏର ଘୁର
କାମଧେନୁ ଆଏ ଚୁରନି ଗାଏ
ପୁସଲେ ସୁଖର ବେସା ଖାଏ ।

# କୁଂଜେଲପରା

ଦୁଲକି ଉଠଲା ସମଲପୁର ହୋ
ଘୁମରି ବାଜଲା ବଜା
ହାତି ଉପରେଁ ଚଢି ବାହାରଲେ
ବିର ସୁରେଂଦର ରଜା ।

ସାଂଗେ ଠାଟ ବାଟ ପୁଓ ପରଜା
ଆର ଗଁଅତିଆ ଜମିଦାର
ଦେବଗନ ଭିଲେ ସରଗର ରଜା
ଇଂଦର କାଏଁ ବାହାର ।

ଜେ ଜା'ର ଦୁଆରେଁ ମାହେଜି ଟୁକେଲ
କେତେ ଗହଗହ ହେଇ
କଲସି ବସେଇ ଜାଗର ଜଲେଇ
ହୁଲ ହୁଲି ଗରଜେଇ ।

ନାଚି ଡେଗି ଲୁକେ ଉସତ ହଉଛନ
ଟେକି ହାତ ଟେକି ବାଡି
ସମଲେଇ କି ଜେ ସମଲେଇ କି ଜେ
ହୁଁକ୍ରେଇ ପକାଲେ ରଡି ।

ମଦ ଗଂଜେଇ କି ଆଁ଼ ଖାଇଥିଲା
ହାତି ହେଲା ଉଦୁରମାତ
ହାପସି କେଚ୍ରେଇ ମାଡିଖୁଂଦି କଲା
ନାନଖାନ ଉତପାତ ।

ଜାହାକେ ଅମରେ ଛୁରେଁ ଟେକିଧରେ
ତଲି ପାଦେଁ ଦିଏ ମାଡି
ଛିନ ଭିନହେଇ ଇଥିଁ ତେହିଁ ଲୋକ
ପଲାଲେ ଦିରିପ ଛାଡି ।

କୁଦି ଆଉଥାଏ କୁଦି ଜାଉଥାଏ
ଜେନତା ସଁଢିଆ ବଛା
ତୁଲିଆ ପିଛାଲ ଚିରି ଭାଂଗି ଗଲେ
କିଏ ଡାହି କିଏ ମଚା ।

ମହତ୍ୟା ପଡଲା ଛିତଗାଲି ହେଇ
'ାଟିଗଲା ତାର ଛାତି
ରଜା ବସିଛନ ଖୁଟ ବରାବର
ନରଦି ଭାଗୁଛେ ହାତି ।

କେତେ ହୁଆ ହୁଟା କେତେ କଂଦାକଟା
ବିଠୁଆ ହେଲାକେଁ ଗାଁ
ବଦିଆଁ ଛଦିଆଁ ପାଏନ ଧାର କଲେ
ରଖ ସମଲେଇ ମାଁ ।
ଘୁଡା ଚଢିକରି ଆସୁଥିଲା ପଛେଁ
ଘେଁସ ଗାଁର ଜମିଦାର
ନାଆଟା କୁଂଜେଲ ଜାଏତଟା ବିଂଝାଲ
ସାଠେ ସଁଢ ବଲିଆର ।

ଆଏଲା ରପଟି ପଡଲା ଝପଟି
ବାଘର ଚାପେନ ଲେଖେଁ
ଭିମ ରଡାରଡି ମାରି ଖୁଡିବାଡି
ହାତି ରଖିଦେଲା ଠିକେଁ ।

ସାରୁ ଗଲଗଲ ପାତଲ ଘଁଟାଥି
ବୁଡଲା ହାତି ର ହେଜା
ଛାଡଲା କିରଲି ପଡଲା ଉଁଡଲି
ପାର ପେଇ ଗଲେ ରଜା ।

ଧାଇଁ ଜାଇ ରଜା କୁଂଜେଲ ସିଂକେ
ବାହା ଭିଡି କଲେ ଅଂଘା
ଭଲେ ତୁଇ ଥିଲୁ ମହତ ରଖଲୁ
ବୁଡି ଜାଉଥିଲା ଡଂଗା ।

ତୁଇ ମୋର ଭୁଜେନ ବାହାରେ କୁଂଜେଲ
ତୁଇ ମୋର ଧରମ ଭାଏ
ଗୁନ ଟିକେ ତୋର ସୁଝି ନେଇଁ ପାରେ
ରଜା ସୁରେଂଦର ସାଏ ।

ସମଲପୁରକେ ଭାଏ ଭାଗ ଦେଲିଁ
ମହାନଏଦ ଖଏଣ ତରା
ଚିନ ରହିଥାଉ ଆଏଜଠାନୁ ତାର
ନାଆଁଟା କୁଂଜେଲ ପରା ।

# ମାୟା ବୁରେଇ ହାଟ

ମାୟା ବୁରେଇ ନ ବସିଛେ ହାଟ
ଜିବା ଆଏବାକେ ଧରସା ବାଟ
ସିଆନ ସୁଜନ ଠେଁଟିଆ ଚୋର
ସଭେ ଧରିଛନ ହାଟକେ ସୋର ।

ଗୁରିଏନ ବଡି କେନତା ମଜା
ବିକୁଛେ ଦାଁତରି ମୁଗିଆ ଖଜା
ଗୁର ସର ସର ବାର ଗୁଲିଆ
ପାଗି ଚକାଲଡୁ ଫୁଲକି ଲିଆ ।

କକନ ପଏର ବଉଲ ମାଲ
ଦାଁତି ଗଏଲର ଆଁଛିଟା ଲାଲ
ଚଂଦନ କୁରା ଦସ ଫୁଲିଆ
କପଟା ବିକୁଛେ ମାନୁ ଭୁଲିଆ ।

ଭାଜି ଲେହେଁଟିଆ ନଏଲତା ମୁଲା
ପାତଲଘଁଟା ବାଏଗନ ସୁଲହା
ସେମି ସାରୁ ଭେଁଡି ମୁନଗା ଟାଇ
ପସରା ବିକୁଛେ ମାଲେନ ଆଇ ।

ବିକେ ଖୁରିଗିନା ଗରିଆ ଗଡୁ
ଚକାମାରି ବସି କଁସାରି ବଡୁ
ଜୁଖ ପଲ କରେ ନରାଜ ଧରି
ଦାମ ନିଏ ଫୁଲି ହିସାବ କରି ।

ସୁନାରି ବିକୁଛେ ଫସିଆ ସୁନା
ଝଲକା ଗଁଠିଆ ବେଁଟଲା ଗୁନା
କତ୍ରିଆ ବଂଦ୍ରିଆ ପାନ ପତରି
ଝୁଁଟିଆ ବିଛୁଆ ଗୋଡ ପଏଁରି ।

ହରୁ ହରଦମ ଘିନା ବିକନା
ଛନେ ହଏ ନାଇଁ ହାଟଟା ଛିନା
ଲୋକ ଭିଡ ମାୟା ବୁରେଇ ହାଟେଁ
ପଏସା ସରଲେଁ ଜଅ ଜ ବାଟେଁ ।

# ଗୁରୁ ମୋର ପଁଡକା ଚରେ
## (ଜଦୁ ରାଜା କେ ଅବଧୁତ କହୁଛନ)

ଘଏତା ମାଏପୋ ପଁଡକା ହଲେ
ଗୁଡା କରି ଥିଲେ ସେମେଲ ଡାଲେଁ
ଡଂଗର ତଲର ଝାରେଁ
ଠାନ ଛିନା ଜାନି କରଲେ ରହନି
ଲଲହା ମୁନୁସର ମାରେଁ ।

ଦିନ ସୁଇନ ନି ଭାବ ପିରତି
ଭାବେ ଦୁହିଁକର ମନ ଭରତି
ଭାବେ ଜାଇଥାନ ଜଡି
ମନ ଦୁହିଁକର ତାଆ ଲାଗିଥାଏ
ଘାଏ ନାଇଁ ଛଡା ଛଡି ।

ସିଆନି ପଁଡକେନ କହେଲେ ଯାହା
ବୁଲେ ବୁଲେ ମାନେ ପଁଡକା ତାହା
ଡେଗି ନାଇଁ ଜାଏ ଗାରେ
ବଂଧୁଆ ବାଗିର ପଛାପୋଛ
ମାନି ଗୁନି ଦିନ ସାରେ ।

ଗଲା କେତେ ଦିନ ଏନ୍ତା ବୁହି
ପଁଡକେନ ହେଲା ସେଂଦୁର ମୁହିଁ
ଧରବା ନ କୁଲେଁ ଖାକେଁ
ଦିନ ବାର ହେଲା ଉଡୁନ ମୁଡୁନ
ଅଚାବୁହା ପାରବାକେ ।

ପାର ହେଲା ପାରି ଦୁଇଟା ଗରା
ପାରି ସାରି ନାଇଁ ଖାଏଲା ଚରା
ଉସମାଲା ପେଟତଲେଁ
ଜୋଗ ସାଧୁ ଥିଲେ ଜେନତା କି ଜୁଗି
ନାଇଁ ହଲେ ନାଇଁ ଟଲେ ।

ଗରା ଫୁଟି ଗଲା ଏକୁସ ଦିନେ
ଛୁଏ ବାହାରଲେ କେଡେ ଜତନେ
ମାଆ ବୁଆ ଦେଖି କରିଁ
କଅଁଲ କଅଁଲ ଚରା ଖୁଜିଆନି
ଛୁଆ ମୁହେଁ ଦେଲେ ଭରି ।

ପୁଓର କଅଁଲି କଥାକେ ସୁନି
କେଡେ ଉସତ ସେ ଦୁହି ପରାନି
କୁଲେଁ ଧରି କଲେ ଗେଲ
ଛୁଆ ସଁସେ ଛାଡି ଦୁର ନାଇଁ ଜାନ
ପାସେ ଚରି ବୁଡେ ବେଲ ।

କରମେ କରମେ ପଏଁକ ବଢି
ଉଡନିଆଁ ହେଇ ପାରଲେ ଉଡି
ଖେଲା ବୁଲା କଲେ ଗଛେଁ
ଆର ଟିକେ ଟିକେ ବଡ ବଡ ହେଲେଁ
ଜିବେ ମାଆ ବୁଆର ପଛେଁ ।

ଦଏବ ଘଟନା କିଏ ଜାନିଛେ
କାହାର କପାଲେ କେନଟା ଅଛେ
ଦିନେ ଗଲେ ଚରା ନୁରି
ଛୁଆକୁ ବଏଲେ ନାଇଁ ଜିବ ପୁତା
ଗଛୁଁ ତଲକେ ଉତରି ।

ଚରା ଖୁଜି ଗଲେ ବନିହାଁ ଦୁର
ଖୁଜତେ ଖୁଜତେ ହେଲା ଉଛୁର
ଛୁଏ କଲବଲ ଭୁକେଁ
ଗଛନୁ ତଲକେ ଉତରି ଖେଲଲେ
ଛାଏଁ ତଲେ ହଏ ସୁଖେଁ ।

ଅଦରୁଁ ଦେଖଲା ସବର ଗୁଟେ
ଉନେ ମନେ ଭାଲେ ମିଲବା ଫୁଟେ
ମାରମି ଆଏଜ ମଜା
ସୋର କରି ତାର ଲାଲ ଥିପି ପଡେ
କଅଁଲି ସିକାର ଭଜା ।

ଜାଲ ଖେଲି ଦେଲା ସେ ସଲଖୁଁ
ବିଛି ଦେଲା ଦିରା ଖୁଦ ମଲଖୁ
ଅଲଗେ ମାରଲା ଜୁହା
ପେଟ କୁଡ କୁଡି ଆନୁଥିଲା ଭୁଖେଁ
ନରଦି ଆଏଲେ ଛୁଆ ।

ଖୁଦ ଖାଏବାକେ ଆଏଲେ ଧାଇଁ
ଜାଲେ ପଡି ହେଲ ଗୁରମୁଟେଇ
ଲୋଭର ବଂଧନେ ପଡି
ଗୁଲଗୁଲା ହେଇ ବାଟ ଖୁଜୁଛନ
ମାଆ ବୁଆ ବଲିଁ ରଡି ।

ପଁଡକା ପଁଡକେନ ଏନ୍ତା ବେଲେଁ
ଚରା ଟୁଣେ ଆନି ବସଲେ ଡାଲେଁ
ଡାକଲେ ଆସରେ ଧନ
କେନ୍ତା ସୁଆଦ ଚରା ଆନି ଅଛୁ
ଖାଏବ ମନକେ ମନ ।

ଦେଖଲେ ଗୁଡାଥିଁ ନାଇନ ଛୁଆ
ରଡଲେ କେନନେ ଅଛରେ ବୁଆ
ଆସରେ ଆସରେ ଧାଇଁ
ଡାକି ଡାକି କରି ଟଁଟି ସୁଖି ଗଲା
ଛୁଏ ତ ଆସଲେ ନାଇଁ ।

ଭୁଇଁ କେ ଦେଖଲେ ସବର ଜାଲେଁ
ଛୁଏ ଛଟପଟ କେଡେ ଆକୁଲେଁ
ହିରେଇ ଗଲା ନ ଟଁଟି
ମାଆଗୋ ବୁଆଗୋ ବଲି କାଂଦୁଛନ
ଜାଲ ଫାଂଦେ ସରକଟି ।

ଦେଖି ପଁଡକେନ ପଡଲା ହିଟି
କାଂଦେ ତାର ଛାତି ମୁଡକେ ପିଟି
ଏ ପୋ ମାନେ ମୋର
ଏଡକି ସୁଂଦର ଘର କରିଥିଲିଁ
ଉହୁଲେଇ ନେଲା ଜୋର ।

ମତେ ଛାଡି କାହିଁ ଜିବରେ ଗେହ୍ଲ
ପେଟର ଖୁଲାରେ ଗରଭ ଗୁଲା
କୋଲ କରି ମୋର ଚିନା
ଦୁଖେଇ ମାଆକେ ନିଅ ସାଂଗେ ସାଂଗ
ନି ବଁଅଁଚେ ତମର ବିନା ।

ଛୁଏ କାଂଦୁଛନ ବିକଲ ହେଇ
ପଣକେନ ନାଇଁ ପାରଲା ସହି
ଝଁପେଇ ପଡଲା ଜାଲେଁ
ଦୁହି ପୁଓକେ ସେ ଦୁହି ଖାକେଁ ଧରି
ଚୁମା ଦେଲା ଟୁଣେଁ ଗାଲେଁ ।

ପଁଡକା କାଂଦୁଛେ ଅଲଗେ ବସି
ପଁଡକେନ ଗଲା ଜାଲଥିଁ 'ସି
ସଭେ ଗଲ ମତେ ଛାଡି
ସୁଖର ସଁସାର ପୁଡିହେଲା ଖାର
ପଡଲା ଜମର ବାଡି ।

ପଁଡକେନ ମତେ ଏକଲା କରି
କାହିଁ ଛାଡି ଜିବୁ ପୁଓକୁଁ ଧରି
ଆହାରେ ସାଂଗର ଜୁଲି
କାହାର ସାଂଗେ ମୁଇଁ ପିରତି କରମି
ଝାରେ ପର୍ବତେଁ ବୁଲି ।

ଏକଲା କରି ଲୋ କେନକେ ଯଉ
ଘାଏ ନାଇଁ ଦେଖି ବମଉ ଥଉ
ଗଲା ମାଲି ଗୁନମତି
ମତେ ଆଘୋ ଦଉ ଖାଏଲେଁ ଜେ ଖଉ
ଘଏତା ସୁହାଗି ସତି ।

ପୁଓ ମାଏପୋରେ ଫାପକେଁ ଗଲ
ଠୁଟା କରି ମତେ ବସେଇ ଦେଲ
ଫଟା କପାଲର ଲେଖା
ଧିକ ଜଉ ମୋର ନିଲଜ ଜିବନ
ଜିଇଁ ନାଇଁ ଜିଇଁ ଏକା ।

ଆଖା ସାଖା ଆର ନାଇଁ ନ କିହେ
କାଁ କରି ମୁଇଁ ଧରମି ଦିହେଁ
ବଲି ଭୋ ଛାଡି କାଂଦେ
କାଂଦି କାଂଦି କରି ଝଁପେଇ ପଡଲା
ସବରର ଜାଲ ଫାଂଦେ ।

ଦେଖି ସେ ସବର ଉସତ ମନେ
ଜାଲକେ ଉଠାଲା କେଡେ ଜତନେ
ପଁଡକା ସବକୁଁ ଧରି
ହଁସି ହଁସି କରି ଘରକେ ମେଲଲା
ପାଂଜରି ଭିତରେ ଭରି ।

ପଁଡକା ପଁଡକେନ ଜିବ ପରମ
ସରୀର ଗଛେଁ ସେ ବାସ କରନ
ମାୟାଟା ହଉଛେ ଜାଲ
ଲୋଭ ହେଲା ଖୁଦ ମୋହ ହେଲା ଛୁଆ
ସବର ହଉଛେ କାଲ ।